- CLASS: V
- SUBJECT : ଓଡ଼ିଆ
- CHAPTER NAME : ଯେ ଥାଏ ପର ଉପକାରେ
- 
- SUBTOPIC : ଉପକ୍ରମ, ବିଷୟ ପଠନ ଓ ଲେଖକ ପରିଚୟ
- 

CHANGING YOUR TOMORROW

ODM EDUCATIONAL GROUP
Changing your Tomorrow

Website: www.odmegroup.org
Email: info@odmps.org
Edit with WPS Office
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

ODM EDUCATIONAL GROUP
Changing your Tomorrow





Edit with WPS Office

# ଯେ  ଥାଏ ପର ଉପକାରେ

ODM
EDUCATIONAL GROUP
Changing your Tomorrow

ଡଃ ରମେଶ ପତ୍ରୀ

ଲେଖକ ପରିଚୟ- ୧୯୫୦ ମସିହା ଅପ୍ରେଲ ମାସ ୨୧ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ । ଝୁଲୁ ହାତୀ, ଗାଉଁଲି ଗପ, ଦଣ୍ଡା ଘାଟିର ବାଘୁଣୀ, ବନରାଇଜର କଥା ଓ ବଡ ବଡ ଗଲେ ଯେଉଁ ବାଟରେ ଇତ୍ୟାଦି ପ୍ରଧାନ ।

Edit with WPS Office

AIJX4G

# ଯେ ଥାଏ ପର ଉପକାରେ

ଡ. ଉମେଶ ପତ୍ରୀ

ଭାରତ ଆମର ଜନ୍ମଭୂମି । ବିରାଟ ଆମର ଏଇ ଦେଶ । ଅନେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ ଦେଶଟି ଆମର ଗଠିତ । ଆମ ଦେଶର ଗୁଜୁରାଟ ରାଜ୍ୟର କଚ୍ଛ ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ ଜଣେ ସାଧୁ । ନାଁଟି ତାଙ୍କର ଥିଲା ମେକରଣ । ସେ ଥିଲେ ଗୁରୁ ଦତ୍ତାତ୍ରେୟଙ୍କ ଶିଷ୍ୟ । ଗିରିନାର ପର୍ବତର ପାଦଦେଶରେ ଥିବା ଅରଣ୍ୟରେ ସେ ବାରବର୍ଷ ଧରି ତପସ୍ୟା କରିଥିଲେ । ଏହି ସମୟ ମଧ୍ୟରେ ଭୋକ ହେଲେ ସେ କନ୍ଦମୂଳ ଖାଉଥିଲେ ଓ ଶୋଷ ହେଲେ ଝରଣା ପାଣି ପିଇ ତୃଷା ନିବାରଣ କରୁଥିଲେ ।

ଗୁରୁ ଦତ୍ତାତ୍ରେୟ ଯେତେବେଳେ ଜାଣିଲେ ଯେ ତାଙ୍କ ଶିଷ୍ୟ ମେକରଣ କଠୋର ତପସ୍ୟା କରୁଛନ୍ତି, ତାଙ୍କ ମନ ଆନନ୍ଦରେ ପୂରିଗଲା । ସେ ତାଙ୍କ ପାଖରେ ପହଞ୍ଚି ଆଶୀର୍ବାଦ କଲେ ।

ମେକରଣ ଦତ୍ତାତ୍ରେୟଙ୍କୁ କହିଲେ, "ଗୁରୁଦେବ, ମୁଁ ବାରବର୍ଷ ଧରି ତପସ୍ୟା କରିସାରିଛି । ଏବେ ମୋତେ କ'ଣ କରିବାକୁ ହେବ ଦୟାକରି କହନ୍ତୁ ।" ଦତ୍ତାତ୍ରେୟ ତାଙ୍କୁ ଦୁଇଟି ତୁମ୍ବା ଦେଇ କହିଲେ, "ପୁତ୍ର, ତୁମେ ଯେଉଁ ଜନ୍ମଭୂମିରୁ ଆସିଛ, ସେଠାରେ କଚ୍ଛ ଅଞ୍ଚଳ ମରୁଭୂମି । ସେହି ମରୁଭୂମି ଅଞ୍ଚଳ ଦେଇ ଯାଉଥିବା ପଥିକମାନେ ପାଣି ନ ପାଇ ତୃଷାରେ କାତର ହୋଇପଡ଼ନ୍ତି । ପାଣି ଅଭାବରୁ ଅନେକ ସମୟରେ ସେମାନେ ମୃତ୍ୟୁ ମୁଖରେ ପଡ଼ନ୍ତି । ତୁମେ ବୁଲିବୁଲି ତୁମ୍ବାରେ ପାଣିନେଇ ସେମାନଙ୍କୁ ପ୍ରତିଦିନ ପିଇବାକୁ ଦେବ, ଏହା ହିଁ ତୁମପାଇଁ ହେବ ଏକ ମହତ୍ କାର୍ଯ୍ୟ ।"

ODM EDUCATIONAL GROUP
Changing your Tomorrow

Edit with WPS Office

ଶିଷ୍ୟଙ୍କୁ ଏହି ପରାମର୍ଶ ଦେଇ ଦତ୍ତାତ୍ରେୟ ଚାଲିଗଲେ । ମେକରଣ ମଧ୍ୟ ଗିରିନାର ପର୍ବତରୁ ଫେରିଆସିଲେ ନିଜର ଜନ୍ମଭୂମିକୁ । ସେଠାରେ ସେ ବାଲିଜାଗାରେ ଏକ କୁଡ଼ିଆ ତିଆରି କଲେ । ପ୍ରତିଦିନ ସେ କୁମ୍ଭଗୁଡ଼ିକରେ ପାଣି ପୂରାଇ ଭାର ସାହାଯ୍ୟରେ ମରୁଭୂମିରେ ବହୁ ଦୂରକୁ ବୋହି ନେଉଥିଲେ । ଶୋଷରେ ଛଟପଟ ହୋଇ ପାଣି ଟିକିଏ ଖୋଜୁଥିବା ଯାତ୍ରୀମାନଙ୍କ ପାଖରେ ସେ ପହଞ୍ଚି ଯାଉଥିଲେ । ସେମାନଙ୍କୁ ପାଣି ପିଆଉଥିଲେ । ମରଣମୁହଁରୁ ଫେରି ଆସୁଥିବା ସେହି ପଥିକମାନଙ୍କ ମୁହଁରେ ହସ ଫୁଟି ଉଠୁଥିଲା । ଏହା ଦେଖି ମେକରଣ ଖୁବ୍ ଖୁସି ହେଉଥିଲେ । ଭୋକ ହେଲେ ସେ ଆଖପାଖ ଗାଁରୁ ଭିକ୍ଷା କରୁଥିଲେ । ଯାହା ମିଳୁଥିଲା ସେଥିରେ ଚଳିଯାଉଥିଲେ ।

କ୍ରମେ ମେକରଣ ବାର୍ଦ୍ଧକ୍ୟରେ ଉପନୀତ ହେଲେ । ସେ ଆଉ ବେଶୀ ପରିଶ୍ରମ କରିପାରିଲେ ନାହିଁ । ନିଜେ ରହୁଥିବା ସ୍ଥାନରେ ସେ ଗୋଟିଏ ଗଧ ଆଉ ଗୋଟିଏ କୁକୁର ପାଳିଲେ । କୁକୁରଟିର ନାଁ ଦେଇଥିଲେ ମୋତି ଆଉ ଗଧଟିର ନାଁ ଲାଲା ।

ଏମିତି ସେ କୁମ୍ଭ ଦୁଇଟିରେ ପାଣି ଭରି ତାକୁ ଗଧ ପିଠିରେ ଲଦାଇ ଦେଉଥିଲେ । ସଙ୍ଗରେ ଗୋଟିଏ ଘଣ୍ଟା ମଧ୍ୟ ଦେଉଥିଲେ । ଆଗରେ ଯାଉଥିଲା ମୋତି ଆଉ ତା' ପଛେପଛେ ଚାଲୁଥିଲା ଲାଲା । ଯେଉଁଠି ପଥିକମାନେ ପାଣି ବିନା ଛଟପଟ ହେଉଥିଲେ ସେଇଠି ସେମାନେ ପହଞ୍ଚି ଯାଉଥିଲେ, ଶୋଷିଲା ପଥିକମାନେ

ODM EDUCATIONAL GROUP
Changing your Tomorrow

# କଠିନ ଶବ୍ଦ

କଛ ଅଞ୍ଚଳ – ଗୁଜୁରାଟର ପଶ୍ଚିମ ଉପକୂଳସ୍ଥ ସମତଳ ଅଞ୍ଚଳ

ତୁମ୍ବୀ – ଶୁଖିଲା ଲାଉର ଟାଣ ଖୋଳରେ ପ୍ରସ୍ତୁତ ପାତ୍ର



ଅରଣ୍ୟ- ଜଙ୍ଗଲ

ତୃଷା- ଶୋଷ

Edit with WPS Office

ODM
EDUCATIONAL GROUP
Changing your Tomorrow

ଗଧ ପିଠିରେ ଓହଳିଥିବା ତୁମ୍ବୀରୁ ଡବାରେ ପାଣି କାଢ଼ି ପିଉଥିଲେ । ସେମାନଙ୍କ ଜୀବନ ବଞ୍ଚିଯାଉଥିଲା । ସନ୍ଧ୍ୟା ହେଲେ ମୋତି ଓ ଲାଲା ପୁଣି ଫେରିଆସୁଥିଲେ କୁଡ଼ିଆ ପାଖକୁ । ମେକରଣ ଲାଲା ପିଠିରୁ ତୁମ୍ବୀ ଦୁଇଟି ଓହ୍ଲାଇ ଦେଉଥିଲେ । ଦିନବେଳା ମେକରଣ  କେତେକ ସ୍ଥାନରୁ ଭିକ୍ଷା ସଂଗ୍ରହ କରି ନେଇ ଆସୁଥିଲେ । ତହିଁରୁ ସେ ଦୁଇଭାଗ ମୋତି ଓ ଲାଲାକୁ ଦେଉଥିଲେ ଆଉ ଗୋଟିଏ ଭାଗ ନିଜେ ଖାଉଥିଲେ । ବେଳେବେଳେ କୌଣସି ଭୋକିଲା ଯାତ୍ରୀ ଯଦି ତାଙ୍କ ନିକଟରେ ପହଞ୍ଚୁଥିଲା, ତାକୁ ବି ସେ ନିଜ ଭାଗର ଖାଦ୍ୟ ଦେଇଦେଉଥିଲେ । କ୍ଷୁଧାର୍ତ୍ତକୁ ଖାଦ୍ୟ ଦେଇପାରୁଥିବାରୁ ପରମ ତୃପ୍ତି ଲାଭ କରୁଥିଲେ ।



ଦିନେ କଚ୍ଛ ରାଜ୍ୟର ରାଜା ସେହି ଅଞ୍ଚଳକୁ ଶିକାର କରିବାକୁ ଆସିଲେ । ତାଙ୍କ ସହିତ ଥିଲେ କେତେକ ରାଜ-କର୍ମଚାରୀ । ଦିନେ ରାଜା ସାରାଦିନ ବୁଲିବୁଲି କୌଣସି ଜନ୍ତୁକୁ ପାଇଲେ ନାହିଁ । ସନ୍ଧ୍ୟା ହେବାକୁ କିଛି ସମୟ ବାକି ଥାଏ । ସେହି ମରୁଭୂମିରେ ସେ ମେକରଣଙ୍କ ଗଧ ଓ କୁକୁରକୁ ଦେଖିଲେ । ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । କର୍ମଚାରୀମାନଙ୍କୁ ପଚାରିଲେ "ଏହି ମରୁଭୂମିରେ ଗଧ ଆଉ କୁକୁର କେଉଁଠୁ ଆସିଲେ ? ଏଠାରେ ତ  ଚିତାବାଘର ଭୟ ରହିଛି । ତା' ହାବୁଡ଼ରୁ ଏମାନେ ବଞ୍ଚୁଛନ୍ତି କିପରି ?"

ଜଣେ ରାଜକର୍ମଚାରୀ ଉତ୍ତର ଦେଲେ, "ମହାରାଜ! ଏମାନେ ହେଉଛନ୍ତି ସନ୍ନ୍ୟାସୀ ମେକରଣଙ୍କ ପୋଷାଜନ୍ତୁ । ଏ ଅଞ୍ଚଳର ସମସ୍ତ ପ୍ରାଣୀଙ୍କ ପାଖରେ ଏମାନେ ପରିଚିତ । ମରୁଭୂମିରେ ପାଣି ନ ପାଇ ଛଟପଟ

Edit with WPS Office

ODM
EDUCATIONAL GROUP
Changing your Tomorrow



ହେଉଥିବା ପ୍ରାଣୀମାନଙ୍କୁ ଏମାନେ ପାଣି ଯୋଗାଇଥାନ୍ତି । କୌଣସି ହିଂସ୍ରଜନ୍ତୁ ମଧ୍ୟ ଏମାନଙ୍କର ଅନିଷ୍ଟ କରନ୍ତି ନାହିଁ ।"

ରାଜା କହିଲେ, "ଆଜି ଶିକାର ତ ହୋଇପାରିଲା ନାହିଁ । ଆମେ ଏତେ ଦୂର ଆସିଛୁ ଯେତେବେଳେ, ସନ୍ନ୍ୟାସୀ ମେକରଣଙ୍କ ସହିତ ଭେଟ ହୋଇଯିବା ଉଚିତ ହେବ ।"

ତା'ପରେ ଲାଲା ଆଉ ମୋତି ଯେଉଁଆଡ଼େ ଗଲେ ତାଙ୍କ ପଛେପଛେ ରାଜା ଓ କର୍ମଚାରୀମାନେ ଚାଲିବାକୁ ଲାଗିଲେ । କିଛି ବାଟ ଗଲାପରେ ଗୋଟିଏ କୁଡ଼ିଆ ପାଖରେ ଲାଲା ଓ ମୋତି ଅଟକିଗଲେ ।

କୁଡିଆ ଭିତରୁ ଜଣେ ବୃଦ୍ଧ ସନ୍ନ୍ୟାସୀ ବାହାରି ନିଜର ଥରଥର ହାତରେ ଗଧପିଠିରୁ ପାଣିତୁମ୍ୱୀ ଦୁଇଟି ଓହ୍ଲାଇ ଆଣିଲେ । ଗଧର ବେକରେ ସେ ଆଉ ଗୋଟିଏ ମୁଣା ଝୁଲାଇ ଦେଲେ । କୁକୁରକୁ ଚିଠିଟିଏ ଦେଲେ । ତାଙ୍କର ଦରକାରୀ ଜିନିଷଗୁଡ଼ିକର ନାଁ ସେଥିରେ ଲେଖାଥିଲା । ପାଖ ଗାଁର ଦୋକାନୀ ମଧ୍ୟ ଏ ଚିଠି ସହିତ ପରିଚିତ ଥିଲା । ସେ ମେକରଣଙ୍କ ଚିଠି ଅନୁଯାୟୀ ଆବଶ୍ୟକ ଜିନିଷ ଗଧ ବେକରେ ଝୁଲୁଥିବା ମୁଣାରେ ଭର୍ତ୍ତି କରି ଦେଉଥିଲା ।

ରାଜା ଏ ସବୁ ଦୂରରୁ ଦେଖୁଥିଲେ । ସେ ଓ ତାଙ୍କ କର୍ମଚାରୀମାନେ ସନ୍ନ୍ୟାସୀଙ୍କ ପାଖରେ ପହଞ୍ଚି ନିଜର

# କଠିନ ଶବ୍ଦ

ODM EDUCATIONAL GROUP
Changing your Tomorrow

କ୍ଷୁଧାର୍ତ୍ତ – ଭୋକିଲା

ତୃପ୍ତି – ଖୁସି / ଶାନ୍ତି

ହିଂସ୍ର – ଉଗ୍ର

Edit with WPS Office

ODM
EDUCATIONAL GROUP
Changing your Tomorrow

ପରିଚୟ ଦେଲେ । ମେକରଣ ରାଜାଙ୍କୁ କହିଲେ, "ହେ କଚ୍ଛର ରାଜା, ମୁଁ ଆପଣଙ୍କୁ ସ୍ୱାଗତ ଜଣାଉଛି । ମୋ କୁଡ଼ିଆ ଭିତରକୁ ଆସନ୍ତୁ ।"

ସେତେବେଳେ ଶୀତ ବଢ଼ିବାକୁ ଲାଗିଥାଏ । ମେକରଣଙ୍କ ଦେହ ଶୀତରେ ଥରଥର ହେଉଥାଏ । ରାଜା ପଚାରିଲେ "ମହାଶୟ, ଏହି ମରୁଅଞ୍ଚଳରେ ଆପଣଙ୍କୁ କ'ଣ ଶୀତ ହେଉ ନାହିଁ" ? ମେକରଣ କହିଲେ, "ଶୀତ ହେଉଛି କିନ୍ତୁ ଶୀତକୁ ମୁଁ ଡରୁ ନାହିଁ । ଜୀବନର ଶେଷ ପର୍ଯ୍ୟନ୍ତ ପ୍ରାଣୀମାନଙ୍କ ସେବାରେ ଜୀବନ ବିତାଇବା ହିଁ ମୋର ଇଚ୍ଛା ।"

ରାଜା ନିଜ କାନ୍ଧରେ ପଡ଼ିଥିବା ମଣିମୁକ୍ତା ଖଚିତ ଚଦରଟିକୁ ସନ୍ନ୍ୟାସୀଙ୍କ ଦେହରେ ଓଢ଼ାଇ ଦେଲେ । ମେକରଣ ଏଥିରେ କିନ୍ତୁ ଖୁସି ହେଲେ ନାହିଁ। ବିନୟର ସହିତ ଚଦରଟି ରାଜାଙ୍କୁ ଫେରାଇଦେଇ କହିଲେ, "ମହାରାଜ, ଏ ସ୍ଥାନର ଶୀତ ସହିବାରେ ମୋ ଦେହ ଅଭ୍ୟସ୍ତ ହୋଇଯାଇଛି । ମୋ ପାଇଁ ଏହାର ଆବଶ୍ୟକତା ନାହିଁ ଅନ୍ୟ କେହି ଦୁଃଖୀ ଲୋକଙ୍କୁ ଆପଣ ଏହାକୁ ଦାନ କଲେ ମୁଁ ଅଧିକ ଖୁସି ହେବି ।"

ମେକରଣଙ୍କର ଏପରି କଥା ଶୁଣି ରାଜା ସ୍ତମ୍ଭୀଭୂତ ହେଲେ । ଆଗ୍ରହ କରି କହିଲେ,"ହେ ସନ୍ନ୍ୟାସୀ ! ଆପଣ ମୋତେ ଅନ୍ୟ କୌଣସି ଜିନିଷ ମାଗନ୍ତୁ, ମୁଁ ତାହା ଆପଣଙ୍କୁ ଦାନ କରିବି ।" ସନ୍ନ୍ୟାସୀ କହିଲେ "ହଁ, ମୁଁ କେବଳ ଗୋଟିଏ ଜିନିଷ ଆପଣଙ୍କୁ ମାଗିବି । ତାହା ହେଲା, ଆଜିଠାରୁ ଏହି କଚ୍ଛ ଭୂମିରେ ଆପଣ ଆଉ କେବେ ଶିକାର କରିବେ ନାହିଁ । ଫଳରେ ଏ ସ୍ଥାନର ପ୍ରାଣୀମାନେ ସ୍ୱଚ୍ଛନ୍ଦରେ ବିଚରଣ କରିପାରିବେ । ବଣଜଙ୍ଗଲ ମଧ୍ୟ ସୁରକ୍ଷିତ ରହିବ ।"

ମେକରଣଙ୍କ କଥା ଶୁଣି ରାଜା କହିଲେ, "ହେ ସନ୍ନ୍ୟାସୀ ! ମୁଁ ଆପଣଙ୍କୁ କଥା ଦେଉଛି, ଆଜିଠାରୁ ଏହି ଅଞ୍ଚଳରେ ଆଉ କେହି କୌଣସି ପ୍ରାଣୀଙ୍କୁ ଶିକାର କରିବେ ନାହିଁ ।"

ତା'ପରେ ରାଜା ନିଜ ଉଆସକୁ ଫେରିଆସିଲେ । ସେହି ଦିନଠାରୁ ଆଜିଯାଏଁ ଏହି ଅଞ୍ଚଳରେ ପ୍ରାଣୀମାନେ ନିର୍ଭୟରେ ବିଚରଣ କରୁଛନ୍ତି । ଏଠାରେ ଶିକାର କରିବା ମନା ହୋଇଛି ।



Edit with WPS Office

# କଠିନ ଶବ୍ଦ

ODM EDUCATIONAL GROUP
Changing your Tomorrow

ବିନୟ – ଅତି ଭଦ୍ର

ସ୍ତମ୍ଭୀଭୂତ – ଆଶ୍ଚର୍ଯ୍ୟ

ଅଭ୍ୟସ୍ତ- ଖାପ ଖୁଆଇ ଚଳିବା

ସ୍ୱଚ୍ଛନ୍ଦ- ଆରାମରେ

ଉଆସ – ରାଜ ପ୍ରାସାଦ

ବିଚରଣ - ବୁଲିବା

Edit with WPS Office

# THANKING YOU

# ODM EDUCATIONAL GROUP

Edit with WPS Office